# ମୁଖବନ୍ଧ

ବର୍ତ୍ତମାନ ପ୍ରଚଳିତ ଥିବା ଯେଉଁ ଆଇନ୍‌କୁ ସଂକ୍ଷେପରେ 'ପିତା' [Immoral Traffic (Prevention) Act, 1956] ବୋଲି କୁହାଯାଉଛି, ତାହାର ପୂର୍ବ ନାମ ଥିଲା 'ସୀତା' (Suppression of Immoral Traffic Act, 1956) । ମଣିଷ ଚାଲାଣ ଓ ବେଶ୍ୟାବୃତ୍ତି ଜନିତ ତଥା ଅନ୍ୟାନ୍ୟ ଶୋଷଣର ନିରୋଧ ଉପରେ ଆନ୍ତର୍ଜାତିକ ସମ୍ମିଳନୀ, ୧୯୪୯ (Suppression of Traffic in Persons & Exploitation of the Prostitution & Others, 1949) ରେ ଭାରତ ଯୋଗଦାନ କଲା ପରେ ଉପରୋକ୍ତ 'ସୀତା' ଆଇନ୍ ପ୍ରଣୀତ ହୋଇଥିଲା । ଏହି ଆଇନ୍ ଦୁଇଥର ସଂଶୋଧନ ହୋଇସାରିଲାଣି, ୧୯୭୮ ଓ ୧୯୮୭ରେ । ୧୯୮୭ର ସଂଶୋଧନ ପରେ 'ସୀତା'କୁ 'ପିତା' କୁହାଯାଉଛି । ସୁପ୍ରିମ୍ କୋର୍ଟ ଦୁଇଟି କେଶ୍ ( ବିଶାଳ ଜିତ୍ ବନାମ ଭାରତର କେନ୍ଦ୍ର ସରକାର ୧୯୯୯, ଏବଂ ଗୌରବ ଜୈନ ବନାମ ଭାରତର କେନ୍ଦ୍ର ସରକାର ୧୯୯୭) ଶୁଣାଣି କରି ଏହି ସଂଶୋଧିତ ଆଇନ୍‌କୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାରଙ୍କୁ କେତେକ ନିର୍ଦ୍ଦେଶନାମା ଦେଇଥିଲେ । ତଦନୁଯାୟୀ ଭାରତ ସରକାରଙ୍କ ମହିଳା ଓ ବାଳୁତବିକାଶ ବିଭାଗ ଦ୍ୱାରା ୧୯୯୮ରେ 'ମହିଳା ଓ ବାଳୁତଙ୍କ ଚାଲାଣ ଓ ଯୌନଶୋଷଣ ପ୍ରତିରୋଧ ପାଇଁ ଜାତୀୟ କର୍ମଯୋଜନା' ପ୍ରସ୍ତୁତ କରାଯାଇ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପ୍ରସାରଣ କରାଯାଇଥିଲା । ଏବଂ ଏହା ପରେ ଉକ୍ତ କର୍ମଯୋଜନାର ଉପଯୁକ୍ତ ସଂପାଦନ ପାଇଁ ୨୦୦୧ରେ ସେହି ବିଭାଗ ଦ୍ୱାରା ମାର୍ଗଦର୍ଶୀକା ପ୍ରସ୍ତୁତ କରାଯାଇ ପ୍ରସାରଣ ମଧ୍ୟ କରାଯାଇଛି ।

କିନ୍ତୁ ସଂସଦ ଦ୍ୱାରା ଆଇନ୍, ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶନାମା ଓ ସରକାରଙ୍କ କର୍ମଯୋଜନା ଓ ମାର୍ଗଦର୍ଶୀକାର ପ୍ରବର୍ତ୍ତନ ସତ୍ତ୍ୱେ ଲକ୍ଷ୍ୟ କରାଗଲା ଯେ, ମଣିଷ ଚାଲାଣ ଓ ମୁନାଫାକାରୀ ଯୌନବ୍ୟବସାୟ ପରିଚାଳନା କରୁଥିବା ନେପଥ୍ୟର ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀମାନେ ଆଇନ୍ କବଳରୁ ଖସି ଯାଉଛନ୍ତି, ଅଥଚ ପରିସ୍ଥିତି କବଳରେ ପଡି ବେଶ୍ୟାବୃତ୍ତି କରିବାକୁ ବାଧ୍ୟ ହେଉଥିବା ସାଧାରଣ ମହିଳାମାନେ ଆଇନ୍‌ର ନାଗଫାଶରେ ଛନ୍ଦି ହୋଇ ପଡୁଛନ୍ତି । ପୁଣି, ପ୍ରଥମେ ଏହି ଆଇନ୍ ପ୍ରଣୀତ ହେବା ବେଳେ ଯେଉଁ ସମସ୍ୟା ନଥିଲା, ଅଥଚ ଏହା ଭିତରେ ସାରା ବିଶ୍ୱରେ ତଥା ଭାରତ ବର୍ଷରେ ଭୟଙ୍କର ଆକାର ଧାରଣ କରିଛି, ତାହା ହେଉଛି ମୂଳତଃ ଅସୁରକ୍ଷିତ ଯୌନସଂପର୍କ ଫଳରେ ସଂକ୍ରମିତ ହେଉଥିବା ଏଚ୍.ଆଇ.ଭି./ଏଡସ୍ । ଯଦି ଆଇନ୍‌ର କଠୋର ଦଣ୍ଡବ୍ୟବସ୍ଥା ଫଳରେ ବେଶ୍ୟାବୃତ୍ତି ବା ବ୍ୟବସାୟିକ ଯୌନକର୍ମରେ ଲିପ୍ତ ଥିବା ମହିଳା ଓ ପୁରୁଷମାନେ ଆଇନ୍ ଓ ପ୍ରଶାସନ ସହ ଲୁଚକାଳି ଖେଳନ୍ତି, ତେବେ ସେମାନଙ୍କୁ ଠାବ କରିବ ଦୁଷ୍କର ହୋଇପଡିବ, ଏବଂ ପରିଣାମତଃ ଅନୈତିକ ଚାଲାଣର ମାଧ୍ୟମଗୁଡିକୁ ଚିହ୍ନଟ କରାଯାଇ ପାରିବନି କିମ୍ବା ସେମାନଙ୍କ ମାଧ୍ୟମରେ ସଂକ୍ରମିତ ହେଉଥିବା ଏଚ୍.ଆଇ.ଭି./ଏଡସ୍‌କୁ ମଧ୍ୟ ନିୟନ୍ତ୍ରଣ କରାଯାଇ ପାରିବନାହିଁ ।

ଏହା ଏକ ଶୁଭ ଲକ୍ଷଣ ଯେ, ବିଭିନ୍ନ ଦେଶର ଅଭିଜ୍ଞତାକୁ ଆଖି ଆଗରେ ରଖି ପ୍ରଚଳିତ ଆଇନ୍‌କୁ ସମୟୋପଯୋଗୀ କରି ସଂଶୋଧନ କରିବା ଏବଂ ଆବଶ୍ୟକୀୟ ପ୍ରଶାସନିକ ବ୍ୟବସ୍ଥାକୁ ସ୍ଥାନିତ କରିବା ପାଇଁ ଉଭୟ ସରକାର ଓ ବେସରକାରୀ ସଂସ୍ଥାମାନଙ୍କ ଦ୍ୱାରା ଚର୍ଚ୍ଚା ଲାଗିରହିଛି । ଭାରତ ସରକାରଙ୍କ ମହିଳା ଓ ବାଳୁତ ବିକାଶ ମନ୍ତ୍ରଣାଳୟ ୨୦୦୬ ମସିହାରୁ ଏକ ସଂଶୋଧନ ବିଧେୟକ ପ୍ରସ୍ତୁତ କରିସାରିଛନ୍ତି ଓ ଏହା ସଂସଦରେ ମଧ୍ୟ ଉପସ୍ଥାପିତ ହୋଇସାରିଛି । କିନ୍ତୁ ଏହି ବିଧେୟକରେ ପ୍ରସ୍ତାବିତ  ହୋଇଥିବା ଯୌନକର୍ମୀଙ୍କୁ ସଂସ୍କାର ଗୃହରେ ଦୀର୍ଘକାଳ ପାଇଁ ଅଟକ ବ୍ୟବସ୍ଥା ଏବଂ ଯୌନକାରବାରର ଉପଭୋକ୍ତାମାନଙ୍କ ବିରୁଦ୍ଧରେ ଜେଲ୍ ଓ ଜୋରିମାନାର ଅଧିକ କଠୋର ଦଣ୍ଡବ୍ୟବସ୍ଥା ବର୍ତ୍ତମାନର ସମସ୍ୟାକୁ ଅଧିକ ଜଟିଳ କରି ଦେଇପାରେ ବୋଲି ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରଣାଳୟ ତଥା ଶ୍ରମ ମନ୍ତ୍ରଣାଳୟ ସମେତ ବହୁ ସ୍ୱେଚ୍ଛାସେବୀ ସଂଗଠନର କାର୍ଯ୍ୟକର୍ତ୍ତାମାନେ ମତପୋଷଣ କରି ଆସୁଛନ୍ତି । ଉଲ୍ଲେଖନୀୟ ଯେ, 'ଏଚ୍.ଆଇ.ଭି./ଏଡସ୍ ଉପରେ ସାଂସଦ ମଞ୍ଚ' ଉପରୋକ୍ତ ବିବଦମାନ ବିଧେୟକ ଉପରେ ବିତର୍କକୁ ଆଗେଇ ନେବା ପାଇଁ ଗତ ୨୩ ଜୁଲାଇ ୨୦୦୮ରେ ଦିଲ୍ଲୀଠାରେ ଏକ ଆଲୋଚନା ଚକ୍ରର ଆୟୋଜନ କରିଥିଲେ, ଯେଉଁଠି ଏହି ବିଧେୟକର ବିଭିନ୍ନ ବ୍ୟବସ୍ଥାକୁ ବିଭିନ୍ନ ମହଲରୁ ସମାଲୋଚନାତ୍ମକ ସମୀକ୍ଷା କରାଯାଇଥିଲା । ବର୍ତ୍ତମାନ ଦେଶର ସିଭିଲ୍ ସୋସାଇଟି ସଂଗଠନମାନଙ୍କ ଭିତରୁ ଏକ ସାଧାରଣ ମତ ଉତ୍‌ଥାପିତ ହୋଇଛି ଯେ, ଏହି ବିଧେୟକକୁ ଯୁଗ୍ମ ସଂସଦୀୟ କମିଟିଙ୍କ ସମୀକ୍ଷା ପାଇଁ ପଠାଯାଉ ଏବଂ ଏହି କମିଟି ଦେଶର ଯୌନକର୍ମୀମାନଙ୍କ ସଂଗଠନସମୂହ ସହିତ ବିସ୍ତୃତ ଆଲୋଚନା କରି ବିଧେୟକକୁ ଚୂଡାନ୍ତ ରୂପ ଦିଅନ୍ତୁ ।

ଓଡିଶା ପରିପ୍ରେକ୍ଷୀରେ ଏକଥା ଜଣାଶୁଣା ଯେ, ଯଦିଓ ପ୍ରତି ରାଜ୍ୟ ଉକ୍ତ କେନ୍ଦ୍ରୀୟ ଆଇନ୍ ଅଧୀନରେ ନିଜସ୍ୱ ନିୟମାବଳୀ ପ୍ରଣୟନ କରିବା ପାଇଁ ହକ୍‌ଦାର ଅଟନ୍ତି, କିନ୍ତୁ ଓଡିଶା ସରକାର ଏତାଦୃଶ କୌଣସି ସ୍ୱତନ୍ତ୍ର ନିୟମାବଳୀ ପ୍ରଣୟନ କରିନାହାନ୍ତି । କେବଳ ନିକଟରେ, ଗତ ୧୬ ଅକ୍ଟୋବର ୨୦୦୮ରେ ରାଜ୍ୟର ଗୃହବିଭାଗ ଗେଜେଟ୍‌ରେ ଏକ ବିଜ୍ଞପ୍ତି ମାଧ୍ୟମରେ ଘୋଷଣା କରିଛନ୍ତି ଯେ, କଟକ-ଭୁବନେଶ୍ୱର ଦ୍ୱୈତ ମହାନଗର ଇଲାକାରେ ପୋଲିସ୍ କମିଶନର୍ ମଧ୍ୟ କେତେକ କ୍ଷମତା ପ୍ରୟୋଗ କରିପାରିବେ, ଯାହାକି ମୂଳ ଆଇନ୍‌ରେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଉପରେ ନ୍ୟସ୍ତ ଥିଲା ।